# NATIONAL NEWS BULLETIN (ODIA)

## 25 April - 2024

### Mid Bulletin : 1.50 p.m

**********************************

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲି କେରଳରେ ଗୋଟିଏ ପର୍ଯ୍ୟାୟରେ ସମସ୍ତ ୨୦ଟି ଲୋକସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ ।

- ବିଜେପି ନେତା ନରେନ୍ଦ୍ର ମୋଦୀ ଓ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗକୁ ନିର୍ବାଚନ କମିଶନ ଗୁରୁତ୍ୱାରୋପ କରିଛନ୍ତି ।

- ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଗିରଫକୁ ବିରୋଧ କରି ଆମ୍ ଆଦମୀ ପାର୍ଟି ଆଜି ନୂଆଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଛି ।

ଏବଂ

- ଜାତୀୟ ମାନବିକ ଅଧିକାର କମିଶନ ଦ୍ରୁତ ଯାଞ୍ଚ ପାଇଁ ଦେଶରେ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ଫରେନସିକ୍ ପରୀକ୍ଷାଗାର ସଂଖ୍ୟାରେ ବୃଦ୍ଧି କରିବାକୁ ଦାବି କରିଛି ।

# କେରଳ-ପୋଲ୍ସ

ଆସନ୍ତାକାଲି କେରଳରେ ଗୋଟିଏ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ୨୦ଟି ଲୋକସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି। ବିଜେପି ନେତୃତ୍ୱାଧୀନ ଏନଡିଏ, କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ, ସିପିଆଇ(ଏମ) ନେତୃତ୍ୱାଧୀନ ଏଲଡିଏଫ ସମେତ କେରଳର ଅଧିକାଂଶ ନିର୍ବାଚନ ମଣ୍ଡଳୀରେ କଡ଼ା ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଶା କରାଯାଉଛି। ମତଦାନ ପାଇଁ ମାତ୍ର କେଇ ଘଣ୍ଟା ବାକି ଥିବାରୁ ରାଜ୍ୟରେ ପ୍ରସ୍ତୁତି ଜୋରସୋରରେ ଚାଲିଛି।

ତିରୁବନନ୍ତପୁରମରୁ ଆମ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ କେରଳର ୨୦ଟି ଲୋକସଭା ଆସନ ପାଇଁ ୧୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଚୂଡ଼ାନ୍ତ ଭୋଟର ତାଲିକାରେ ୨କୋଟି ୭୭ଲକ୍ଷ ୪୯ ହଜାର ୧୫୯ ଜଣ ଭୋଟର ଅଛନ୍ତି । ଆସନ୍ତାକାଲି ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୨୫ହଜାର ୩୫୮ଟି କେନ୍ଦ୍ରରେ ମତଦାନ କରାଯିବ । ୫୫୫ଟି ବୁଥ୍‌ରେ କେବଳ ମହିଳାମାନେ ରହିବେ। ଦେଢ଼ ଲକ୍ଷରୁ ଅଧିକ ଅଧିକାରୀଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଛି ଏବଂ ୪୧ ହଜାରରୁ ଅଧିକ ପୁଲିସ ଅଧିକାରୀ ନିର୍ବାଚନ ଡ୍ୟୁଟିରେ ରହିବେ। ଗରମକୁ ଦୃଷ୍ଟିରେ ରଖି ସମସ୍ତ ବୁଥରେ ମୌଳିକ ସୁବିଧା ଓ

ପ୍ରତୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ମତଦାନ ପାଇଁ ମହିଳା ଅନୁକୂଳ, ଭିନ୍ନକ୍ଷମ ଅନୁକୂଳ ବୁଥ୍ ଓ ସବୁଜ ବୁଥ୍ ପ୍ରସ୍ତୁତ ରହିଛି ।

ଇତିମଧ୍ୟରେ ଭୋଟିଂ ମେସିନ୍ ଓ ଅନ୍ୟାନ୍ୟ ମତଦାନ ସାମଗ୍ରୀ ବଣ୍ଟନ ଆରମ୍ଭ ହୋଇଛି । ନିର୍ବାଚନ ଦିନ ଭିଡ଼ ଏଡ଼ାଇବା ପାଇଁ ରେଳବାଇ ସ୍ୱତନ୍ତ୍ର ସେବା ଚଳାଇବ । ସମସ୍ତ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ସୁବିଧା ରହିଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସଞ୍ଜୟ କୌଲ ସମସ୍ତ ଭୋଟରଙ୍କୁ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରି ଦେଶ ନିର୍ମାଣରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

## ଆସାମ-ପୋଲ୍‌ସ

ଆସାମରେ ଆସନ୍ତାକାଲି ୫ଟି ଲୋକସଭା ଆସନରେ ଶାନ୍ତିଶୃଙ୍ଖଳା ସହ ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଚାଲିଛି । ୭୭ ଲକ୍ଷରୁ ଅଧିକ ଭୋଟର ୬୧ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିପାରିବେ । ୯ ହଜାର ୧୩୩ଟି ମତଦାନ କେନ୍ଦ୍ରରେ ମତଦାନ ହେବ । ଆସନ୍ତାକାଲି ମତଦାନ ହେବାକୁ ଥିବା ଲୋକସଭା ଆସନ ଗୁଡ଼ିକ ହେଲା- ସିଲଚର, କରିମଗଞ୍ଜ, ନଗାଓଁ, ଡିଫୁ ଏବଂ ଦରାଙ୍ଗ- ଉଦାଲଗୁଡି । ରାଜ୍ୟ ପୋଲିସ ନୋଡାଲ

ଅଫିସର ପିକେ ଭୂୟାଁ କହିଛନ୍ତି ଯେ ଗୁରୁତ୍ୱପୂର୍ଣ୍ଣ ମତଦାନ କେନ୍ଦ୍ରରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ମୁତୟନ କରାଯାଇଛି । ଲାଇଭ୍ ୱେବ୍‌କାଷ୍ଟିଂ ମାଧ୍ୟମରେ ଅତି କମରେ ୫୦ ପ୍ରତିଶତ ବୁଥ୍ ଉପରେ ନଜର ରଖାଯାଉଛି ବୋଲି ସେ କହିଛନ୍ତି । ଶ୍ରୀ ଭୂୟାଁ ଆହୁରି କହିଛନ୍ତି ଯେ ନିର୍ବାଚନ କମିସନଙ୍କ ସର୍ବନିମ୍ନ ନିଶ୍ଚିତ ସୁବିଧା ଯଥା ପାନୀୟ ଜଳ, ୱେଟିଂ ସେଡ୍, ପୋଲିଂ ବୁଥରେ ଶୌଚାଳୟ ଯୋଗାଇ ଦିଆଯିବ । ଦ୍ୱିତୀୟ ପର୍ଯ୍ୟାୟରେ ବିଜେପି, କଂଗ୍ରେସ, ଏଆଇୟୁଡିଏଫ, ଟିଏମସି ଓ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି ।

## ପିଏମ୍-ଏମ୍‌ପି ଭିଜିଟ୍

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ବିଜେପି ଏକ ଦଳ ଯାହା 'ସବକା ସାଥ, ସବକା ବିକାଶ' ମନ୍ତ୍ରରେ ଚାଲୁଛି । ବିଜେପି ପାଇଁ ଦେଶଠାରୁ ବଡ଼ କିଛି ନୁହେଁ । ମଧ୍ୟପ୍ରଦେଶର ମୋରେନାର ପୁଲିସ ପ୍ୟାରେଡ୍ ଗ୍ରାଉଣ୍ଡରେ ବିଜେପି ପ୍ରାର୍ଥୀଙ୍କ ସମର୍ଥନରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ଯେ ଜାତି

ଓ ଧର୍ମର ଭେଦଭାବ ନକରି ସରକାର କୋଟି କୋଟି ଅଭାବୀ ଲୋକଙ୍କୁ ମାଗଣା ରାସନ ଦେଉଛନ୍ତି। ସେ କହିଛନ୍ତି, ସରକାର ୪ କୋଟି ଗରିବଙ୍କୁ ସ୍ଥାୟୀ ଘର ଦେଇଛନ୍ତି। ବିନା ଭେଦଭାବରେ ସବୁ ଧର୍ମର ଲୋକଙ୍କୁ ଏହି ଘର ଦିଆଯାଇଛି। ସେହିପରି ୧୧ କୋଟି ଘରକୁ ପାନୀୟ ଜଳ ସଂଯୋଗ ଯୋଗାଇ ଦିଆଯାଇଥିବା ବେଳେ ଏ କ୍ଷେତ୍ରରେ ଜାତିଭେଦକୁ ପ୍ରଶୟ ଦିଆଯାଇ ନାହିଁ ।

ସରକାର ଗଠନ ହେବା ମାତ୍ରେ ୱାନ୍ ରାଙ୍କ ୱାନ୍ ପେନ୍ ସନ୍ ଦାବି କାର୍ଯ୍ୟକାରୀ ହୋଇଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି। ସେ ଆହୁରି ମଧ୍ଯ କହିଛନ୍ତି ଯେ ସୈନିକମାନଙ୍କୁ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ନିୟନ୍ତ୍ରଣ ମୁକ୍ତ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଇଛି ।

## ଇସିଆଇ-କମ୍ପ୍ଲିଆଣ୍ଟ

ବିଜେପି ନେତା ନରେନ୍ଦ୍ର ମୋଦୀ ଓ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗକୁ ନେଇ ନିର୍ବାଚନ କମିଶନ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ମାସ ୨୯ ତାରିଖ ପୂର୍ବାହ୍ନ ୧୧ଟା ସୁଦ୍ଧା ଜବାବ ଦେବାକୁ ନିର୍ବାଚନ କମିଶନ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନଖଡ଼ଗେଙ୍କୁ ଚିଠି ଲେଖିଛନ୍ତି।

ଚିଠିରେ ନିର୍ବାଚନ କମିଶନ ସମସ୍ତ ଷ୍ଟାର ପ୍ରଚାରକଙ୍କୁ ରାଜନୈତିକ ଆଲୋଚନାରେ ଉଚ୍ଚ ମାନଦଣ୍ଡ ନିର୍ଦ୍ଧାରଣ କରିବା ସହ ନିର୍ବାଚନ ଆଚରଣ ବିଧିକୁ ଅକ୍ଷର ଅକ୍ଷରରେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ଥାନର ବସୱାରାରେ ବିଜେପି ନେତା ନରେନ୍ଦ୍ର ମୋଦି ଦେଇଥିବା ଭାଷଣ ଉପରେ କଂଗ୍ରେସ, ସିପିଆଇ ଓ ସିପିଆଇ(ଏମ୍) ଆପତ୍ତି ଉଠାଇଥିଲେ। ଅନ୍ୟପକ୍ଷରେ କେରଳର କୋଟ୍ଟାୟମରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଦେଇଥିବା ନିର୍ବାଚନୀ ଭାଷଣକୁ ନେଇ ବିଜେପି ଆପତ୍ତି ଉଠାଇଥିଲା।

## ଏନ୍‌ସିପି-ମେନିଫେଷ୍ଟୋ

ଶରଦ ପାୱାରଙ୍କ ନେତୃତ୍ୱାଧୀନ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ଆଜି ପୁଣେରେ ନିଜର ଇସ୍ତାହାର ଜାରି କରି ଜାତିଗତ ଜନଗଣନାକୁ ସମର୍ଥନ କରିବା ସହ କୃଷକ କଲ୍ୟାଣ, ଶିକ୍ଷାନବିସ ଅଧିକାର ଏବଂ ଚାକିରିରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ପାଇଁ ଏକ ପୃଥକ ଆୟୋଗ ଗଠନ କରିବାକୁ ପ୍ରତିଶ୍ରୁତି ଦେଇଛି। ଦଳ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ସହ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ'ର ବିଚାରକୁ

ପ୍ରତ୍ୟାଖ୍ୟାନ କରିଛି। ଶପଥନାମା ନାମକ ଏହି ଇସ୍ତାହାରରେ କୁହାଯାଇଛି ଯେ ଦଳ ସିଏଏ, ଏନଆରସି, ୟୁଏପିଏ ଏବଂ ଅନ୍ୟାନ୍ୟ ଆଇନରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେବ।

## ଏନ୍‌ଏଚ୍‌ଆର୍‌ସି-ଫରେନ୍ସିକ୍ ଲ୍ୟାବ୍

ଜାତୀୟ ମାନବିକ ଅଧିକାର କମିଶନ - ଏନଏଚଆରସି ଦ୍ରୁତ ଯାଞ୍ଚ ପାଇଁ ଦେଶରେ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ଫରେନସିକ୍ ପରୀକ୍ଷାଗାର ସଂଖ୍ୟାରେ ବୃଦ୍ଧି କରିବାକୁ ଦାବି କରିଛି। ତଦନ୍ତ ଓ ଫରେନସିକ୍ ପରୀକ୍ଷା ପରସ୍ପରଠାରୁ ସ୍ୱାଧୀନ ନ ହୋଇ ଯାଞ୍ଚ ପ୍ରକ୍ରିୟାର ଗୋଟିଏ ଅଙ୍ଗ ଭାବେ କାର୍ଯ୍ୟ କରୁ ବୋଲି ଅନୁରୋଧ କରାଯାଇଛି। ଗତକାଲି ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ଆୟୋଜିତ ଅପରାଧିକ ନ୍ୟାୟ ବ୍ୟବସ୍ଥା ସଂସ୍କାର ସମ୍ପର୍କିତ କୋର୍ ଗ୍ରୁପ୍ ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। ଫରେନସିକ୍ ରିପୋର୍ଟରେ ବିଳମ୍ବ, ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବ୍ୟବସ୍ଥାରେ ଉନ୍ନତି ଏବଂ ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ସରଳ ଭାଷାର ବ୍ୟବହାର ଆଦି ପ୍ରସଙ୍ଗରେ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ଏନ୍‌ଏଚ୍‌ଆର୍‌ସି ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରୁଣ କୁମାର ମିଶ୍ର ଶୁଣାଣି ସମୟରେ ସରକାରୀ ଓକିଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସରକାରୀ ଓକିଲମାନଙ୍କ

ନିଯୁକ୍ତିରେ ସ୍ୱଚ୍ଛତା ଓ ଯୋଗ୍ୟତା ସୁନିଶ୍ଚିତ କରିବା ପାଇଁ କ୍ୟାଡର ଭିତ୍ତିକ ସେବା ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ସେମାନଙ୍କ ପାଇଁ ଗବେଷଣା ଓ ବିଶ୍ଲେଷଣ ବିଭାଗ ସହ ଏକ ପ୍ରଶିକ୍ଷଣ ଏକାଡେମୀ ମଧ୍ୟ ପ୍ରତିଷ୍ଠା କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ସେମାନଙ୍କୁ ଉପଯୁକ୍ତ କାର୍ଯ୍ୟାଳୟ ଭିତ୍ତିଭୂମି ସହ ସହାୟତା କରାଯିବା ର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସରକାରୀ ଓକିଲ, ଫରେନସିକ୍ ଟିମ୍ ଓ ପୁଲିସ ମଧ୍ୟରେ ଶୃଙ୍ଖଳିତ ସମନ୍ୱୟ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ୟୁପି-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ଫେଫନା-ବକ୍ସର ରାଜପଥରେ ଗତକାଲି ରାତିରେ ଏକ କାର୍ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏକ ଟାଟା ସଫାରି ଅନ୍ୟ ଏକ ଗାଡ଼ିକୁ ଅତିକ୍ରମ କରିବା ବେଳେ ନିୟନ୍ତ୍ରଣ ହରାଇଥିଲା । ଗାଡିଟି ଫେଫନା-ବକ୍ସର ରାଜପଥରେ ଏକ ଗଛରେ ପିଟି ହୋଇ ଓଲଟି ପଡ଼ିଥିଲା।

# ଡୋଭାଲ ରୁଷିଆ

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ କହିଛନ୍ତି ଯେ ଆତଙ୍କବାଦୀ ଏବଂ ଅପରାଧୀଙ୍କ ଦ୍ୱାରା ଆତଙ୍କୀ ପାଣ୍ଠି ଯୋଗାଣକୁ ପ୍ରତିରୋଧ କରିବା ପାଇଁ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିର ଅପବ୍ୟବହାରକୁ ରୋକିବାରେ ଭାରତ ସହଯୋଗ ଜାରି ରଖିବ । ରୁଷିଆର ସେଣ୍ଟ ପିଟର୍ସବର୍ଗରେ ସୁରକ୍ଷା ପ୍ରସଙ୍ଗରେ ଦାୟିତ୍ୱରେ ଥିବା ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାଦଶ ଅନ୍ତର୍ଜାତୀୟ ବୈଠକରେ ଯୋଗଦେଇ ଶ୍ରୀ ଡୋଭାଲ ଏହା କହିଛନ୍ତି ।

ବହୁକେନ୍ଦ୍ରୀୟ ବିଶ୍ୱରେ ସୂଚନା ନିରାପତ୍ତା ସୁନିଶ୍ଚିତ କରିବା ଶୀର୍ଷକ ପୂର୍ଣ୍ଣାଙ୍ଗ ଅଧିବେଶନରେ ହସ୍ତକ୍ଷେପ କରି ଶ୍ରୀ ଡୋଭାଲ୍ ସାମଗ୍ରିକ ଅର୍ଥନୈତିକ ବିକାଶ ପାଇଁ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର ସକାଶେ ଭାରତର ନୀତି ଉପରେ ଆଲୋକପାତ କରିଥିଲେ । ସୂଚନା ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଏକ ମୁକ୍ତ, ସ୍ଥିର, ସୁରକ୍ଷିତ, ବିଶ୍ୱସନୀୟ ଏବଂ ଅନ୍ତର୍ଭୁକ୍ତ ଢାଞ୍ଚା ପାଇଁ ଅନ୍ତର୍ଜାତୀୟ ସହଯୋଗ ପାଇଁ ସେ ଆହ୍ୱାନ ଦେଇଥିଲେ ।

ସୁରକ୍ଷା ପ୍ରସଙ୍ଗରେ ଦାୟିତ୍ୱରେ ଥିବା ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାଦଶ ଅନ୍ତର୍ଜାତୀୟ ବୈଠକ ଅବସରରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ

ଡୋଭାଲ ବ୍ରାଜିଲ ରାଷ୍ଟ୍ରପତିଙ୍କ ମୁଖ୍ୟ ପରାମର୍ଶଦାତା ସେଲ୍‌ସୋ ଆମୋରିମଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ। ଏହି ବୈଠକରେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଦ୍ୱିପାକ୍ଷିକ, ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଶ୍ରୀ ଡୋଭାଲ ରୁଷ ସଂଘ ସୁରକ୍ଷା ପରିଷଦର ସଚିବ ନିକୋଲାଇ ପାଟ୍ରୁସେଭଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ। ଉଭୟ ପକ୍ଷ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତିର ସମୀକ୍ଷା କରିବା ସହ ପାରସ୍ପରିକ ସ୍ୱାର୍ଥ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଶ୍ରୀ ଡୋଭାଲ ତାଙ୍କ ମିଆଁମାର ପ୍ରତିପକ୍ଷ ଆଡମିରାଲ ମୋ ଅଙ୍ଗଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ମିଆଁମାରର ସାମ୍ପ୍ରତିକ ସ୍ଥିତି ଏବଂ ମିଆଁମାରରେ ଭାରତ ଅନୁଦାନପ୍ରାପ୍ତ ଭିତ୍ତିଭୂମି ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ । ସେମାନେ ଭାରତ-ମିଆଁମାର ସୀମାରେ ସାମ୍ପ୍ରତିକ ବିକାଶ, ସୁରକ୍ଷା, ଶରଣାର୍ଥୀ ଏବଂ ବିକାଶ ମୂଳକ ପ୍ରକଳ୍ପ ବିଷୟରେ ମଧ୍ୟ ଆଲୋଚନା କରିଥିଲେ।

# ଆପ୍ ପ୍ରୋଟେଷ୍ଟ

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଗିରଫକୁ ବିରୋଧ କରି ଆମ୍ ଆଦମୀ ପାର୍ଟି ଆଜି ନୂଆଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଛି । ଦଳ 'ଜେଲ୍ କା ଜବାବ ଭୋଟ୍ ସେ' ସ୍ଲୋଗାନ୍ ପ୍ରଚାର କରୁଛି ।

ଅନ୍ୟପକ୍ଷରେ ଦଳର ବରିଷ୍ଠ ନେତା ତଥା ସାଂସଦ ସଞ୍ଜୟ ସିଂହ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ କେଜ୍ରିଓ୍ୱାଲଙ୍କ ବିରୋଧରେ ଷଡ଼ଯନ୍ତ୍ର ଚାଲିଛି ଏବଂ ବିଜେପି ତାଙ୍କ ଜୀବନ ସହ ଖେଳୁଛି ।